# ତହସିଲ କାର୍ଯ୍ୟାଳୟ ରିଆମାଳ

**ବିଜ୍ଞାପନ ସଂଖ୍ୟା** 368 **ତାରିଖ** 14.2.23

ଏତଦ୍ୱାରା ସର୍ବ ସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ରିଆମାଳ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ସଇରାତ ଉତ୍ସଗୁଡିକ ୫ ବର୍ଷ ପାଇଁ ଯଥା ୨୦୨୩-୨୪ ରୁ ୨୦୨୭-୨୮ ଆର୍ଥିକ ବର୍ଷ ନିମନ୍ତେ ଫର୍ମ "M" ରେ ଆହ୍ୱାନ କରାଯାଇ ଅଛି । ଇଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଧାରିତ ଫର୍ମ ରେ ସର୍ତ୍ତାବଳୀ କୁ ଆଧାର କରି ତା. ୨୮.୦୨.୨୦୨୩ ଅପରାହ୍ଣ ୩ ଘଟିକା ସମୟ ମଧରେ ମୁଦ୍ରା ଦିଆ ଲଫାପାରେ ଫର୍ମ ପୂରଣ କରି ଅମାନତ ରାଶି ସହ ଦରଖାସ୍ତ ପକାଇ ପାରିବେ ଏବଂ ସେହିଦିନ ୪ ଟା ରେ ଉକ୍ତ ଦରଖାସ୍ତ ଗୁଡିକ ଯାଞ୍ଚ କରାଯାଇ ସର୍ବୋଛ ନିଲାମ ଧାରିଙ୍କ ନାମର ସାଇରାତ ଅନୁମୋଦନ କରାଯିବ । ପ୍ରଥମ ଦିବସରେ କୌଣସି ନିଲାମ ଧାରି ନ ମିଳିଲେ ଦ୍ୱିତୀୟ ଥର ତା. ୦୩.୦୩.୨୦୨୩ ତୃତୀୟ ଥର ତା. ୦୯.୦୩.୨୦୨୩ ରେ ଦରଖାସ୍ତ ଆହ୍ୱାନ କରାଯିବ । କୌଣସି କାରଣ ନ ଦର୍ଶାଇ ଲିଜ କୁ ସ୍ଥଗିତ କିମ୍ୱା ରଦ୍ଦକରିବା କ୍ଷମତା ନିମ୍ନ ସ୍ୱାକ୍ଷର କାରୀଙ୍କର ରହିଅଛି । ଏହାର ସମସ୍ତ ସର୍ତ୍ତାବଳୀ ଦେବଗଡ ଜିଲ୍ଲା ସୂଚନା କାର୍ଯ୍ୟାଳୟ ୱେବସାଇଟ ରେ ଉପଲବ୍ଧ ଅଟେ।

ଲିଜ ରେ ଅଂଶଗ୍ରହଣ ପାଇଁ ଇଛୁକ ବ୍ୟକ୍ତି ବିଶେଷ ଉତ୍ସଗୁଡିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା ଗଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବା ପରେ ଆବେଦନ କରିବା ବାଞ୍ଛନୀୟ। ଲିଜ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

<u>ସଇରାତଉତ୍ସ ଗୁଡ଼ିକର ବିବରଣୀ</u>

| କ୍ର.ସଂ | ମୌଜା ର ନାମ | ସାଇରାତଉତ୍ସ ର ନାମ | ଖାତା ନଂ | ପ୍ଲଟ ନଂ | ରକବା | କିସମ | ଅବଧି ସମୟ | ସର୍ବନିମ୍ନ ରୟାଲଟି ର ମୂଲ୍ୟ (Per Cum) | ଅତିରିକ୍ତ ଦେୟ (Per Cum) | Mining plan ଅନୁଯାଇ ବାର୍ଷିକ ଉଠାଣ ଧାର୍ଯ୍ୟ ପଥର | ଅମାନତ ରାଶି |
|---|---|---|---|---|---|---|---|---|---|---|---|
| ୧ | ଗାଡିଆପାଳ | ଗାଡିଆପାଳ ବାଲିଖଣି | ୮୦ | ୭୩୨(P) | ଏ୧୨.୩୫ | ନଦୀ | ୨୦୨୩-୨୪ ରୁ ୨୭-୨୮ | ୩୫.୦୦ | ୫୦୬.୦୦ | ୬୦୦୦ Cum | ୧୬୨୩୦୦.୦୦ |
| ୨ | ଖଣ୍ଡାଧୂଆଁ | ଖଣ୍ଡାଧୂଆଁ ପଥର ଖାଦାନ | ୭୩ | ୬୩୬(P) | ଏ୪.୦୦ | ପାହାଡ | ୨୦୨୩-୨୪ ରୁ ୨୭-୨୮ | ୧୩୦.୦୦ | ୧୨୧.୦୦ | ୨୫୦୦ Cum | ୩୧୩୭୫.୦୦ |
| ୩ | ଦଲକବାହାଳ | ଦଲକବାହାଳ ପଥର ଖାଦାନ | ୧୭ | ୭୫/231 | ଏ୧.୫୪ | ପତିତ | ୨୦୨୩-୨୪ ରୁ ୨୭-୨୮ | ୧୩୦.୦୦ | ୭୮.୦୦ | ୧୧୫୦ Cum | ୧୧୯୬୦.୦୦ |
| ୪ | ଲଖବାହାଳ | ଲଖବାହାଳ ପଥର ଖାଦାନ | ୬୧ | ୧୪୪ | ଏ୧.୭୮ | ଚଟାଣ | ୨୦୨୩-୨୪ ରୁ ୨୭-୨୮ | ୧୩୦.୦୦ | ୭୮.୦୦ | ୩୦୦୦ Cum | ୩୧୨୦୦.୦୦ |

14.2.23

Tahasildar,Reamal

14.2.23

## ସର୍ତ୍ତାବଳୀ

୧ ଦରଖାସ୍ତ କାରୀ ଦରଖାସ୍ତ ଟ. ୧୦୦୦ ଙ୍କାର ଏକ ଚାଲାଣ D No 0853 non ferrous mining andmetallurgical industries -102 – mineral concession fees, Rents and Royalties ପଇଠ କରି ସଂଯୋଗ କରିବେ ।

୨ ଦରଖାସ୍ତ ସହିତ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଧାର୍ଯ୍ୟ ରାଶି ଦାଖଲ କରିବେ ।

୩ ସଇରାତ ଉତ୍ସ ନିମନ୍ତେ କୌଣସି ରାଶି ବକେୟା ନ ଥିବା ସତ୍ୟ ପାଠ ଦାଖଲ କରିବେ ।

୪ Bank Guaranty ( BG) ଯାହାକି ସର୍ବ ନିମ୍ନ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣ ନିମନ୍ତେ ନିର୍ଦ୍ଧାରିତ ରୋୟାଲଟି ଏବଂ ଆବେଦନ କାରୀଙ୍କ ଦ୍ଵାରା ଦର୍ଶଯାଇଥିବା ଅତିରିକ୍ତ ଦେୟ ଠାରୁ କମ ହୋଇ ନ ଥିବ ଏବଂ ତାହା ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବ।

୫ ଆବେଦନ କାରୀ ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ଆଇନ ୨୦୧୬ ର ସର୍ତ୍ତା ବଳି ମାନି ଚଳିବେ ।

୬ ଲିଜ ଆବେଦନ ପୂର୍ବରୁ ଲିଜ ଏରିଆ ସମନ୍ଧରେ ଆବଶ୍ୟକ ତଥ୍ୟ ଦେଖି ଲିଜ ନିମନ୍ତେ ଦରଖାସ୍ତ କରି ପାରିବେ ।

୭ ଆବେଦନ କାରୀଙ୍କ ଦରଖାସ୍ତ କୁ ଅନୁମୋଦନ କରାଗଲେ ଆବେଦନ କାରି Royalti, Surface rent EMF, DMF ଏବଂ Additional charge ଏକକାଳୀନ ଦାଖଲ କରିବେ । ପଥର ଖାଦାନ ପାଇଁ Royalti cum ପ୍ରତି ଟ. ୧୩୦ ଙ୍କା ଓ ବାଲି ଖାଦାନ ପାଇଁ Royalti cum ପ୍ରତି ଟ. ୩୫ ଙ୍କା ରୁ କମ ହୋଇନ ଥିବ ।

୮ ଲଘୁ ଖଣିଜ ପଦାର୍ଥ ଯଥା ରୟାଲଟି per Cm/130 ରୁ କମ ହୋଇ ନ ଥିବ ।

୯ ରୟାଲଟି ଓ ଅତିରିକ୍ତ ଦେୟ କୁ ଆଧାର କରି EMF, DMF Addl. Charge IT ର ଦେୟ ଗଣନା କରାଯିବ ।

୧୦ ଆବେଦନ କାରୀ କୁ ଅନୁମୋଦନ କରାଗଲେ OMMC Rule 2016 ର para -26 ରେ ଉଲ୍ଲେଖ ଥିବା ସର୍ତ୍ତାବଳି ପାଳନ ନିମନ୍ତେ ଏକ ଚୁକ୍ତି ନାମା ଦାଖଲ କରିବେ ।

୧୧ ଆବେଦନକାରୀ ଦୁଇଗୋଟି ମୁଦ୍ରା ଦିଅ ଲଫାପାରେ ଆବେଦନ କରିବେ ।ଗୋଟିଏ ଲଫାପାରେ କେବଳ ଅତିରିକ୍ତ ମୂଲ୍ୟ ଲେଖା ଥିବା ଗୋଟିଏ form- M ରହିବ । ଅନ୍ୟ ଲଫାପାଟିରେ ଦରଖତକାରୀ ଙ୍କ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପାତ୍ର ରହିବ ।

୧୨ ଦରଖାସ୍ତକାରୀ ଗତବର୍ଷର ଆୟକର ଦାଖଲ (Income Tax Return Filing) ବିବରଣୀର ନକଲ ଦାଖଲ କରିବେ ।

୧୩ ଦରଖାସ୍ତକାରୀ GST Clearance Certificate/GST number ର ନକଲ ଦାଖଲ କରିବେ ।

୧୪ ଦରଖାସ୍ତକାରୀ କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ, ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା (Self Declaration) ଦାଖଲ କରିବେ ।

୧୫ ଦରଖାସ୍ତକାରୀ ସଇରାତ ଉତ୍ସର Mining Plan, EC Preparation, CTO+Registration & Stamp Duty ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

14.2.23

ତହସିଲଦାର, ରିଆମାଳ

14.2.23